# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 June – 2026**

**************************************

## ମୁଖ୍ୟ ସମ୍ବାଦ

- ନିଯୁକ୍ତି ଓ ସାମାଜିକ ସୁରକ୍ଷାକୁ ସୁଦୃଢ କରିବା ନେଇ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାକୁ ଆସନ୍ତା ଶୁକ୍ରବାର ଦିନ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ଭାରତର ନିର୍ବାଚନ କମିଶନଙ୍କ ବରିଷ୍ଠ ଅଧିକାରୀ ଜ୍ଞାନେଶ ଭାରତୀ ପୁରୀ ଜିଲ୍ଲାର ଏସଆଇଆରର କଲେ ସମୀକ୍ଷା
- ରାଜ୍ୟର ବିଭିନ୍ନ ଜିଲ୍ଲାରେ ଯୁଗ୍ମ ଜନଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଏବଂ

- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ରୁ ୪ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ସ୍ପର୍ଶ କରିବା ନେଇ ପାଣିପାଗ ବିଭାଗର ସୂଚନା

# ପିଏମ୍-ଭିବିଆରୱାଇ

ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି କରିବା ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା-**PM- VBRY** ଯୋଜନା ପ୍ରଣୟନ କରିଛନ୍ତି । ଆଗାମୀ ଦୁଇବର୍ଷ ମଧ୍ୟରେ ସାଢେ ୩ କୋଟିରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଏହି ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଆସନ୍ତା ୧୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପୀ ଏହି ଯୋଜନାର ଶୁଭାରମ୍ଭ କରିବେ । ଏହି ଉପଲକ୍ଷେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଅଧିକରୁ ଅଧିକ ଲୋକଙ୍କ ପାଖରେ ଯୋଜନା ସମ୍ପର୍କୀତ ସୂଚନା ଏବଂ ନିଯୁକ୍ତିଦାତା, କର୍ମଚାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉଦ୍ଦେଶ୍ୟରେ ସାରା ଦେଶରେ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଏହି କ୍ରମରେ ଓଡିଶାର ୬ଟି ଭିନ୍ନ ଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ରାଜ୍ୟ ସରକାରଙ୍କ ପ୍ରତିନିଧି, ନିଯୁକ୍ତିଦାତା, ଶ୍ରମିକ, ଇପିଏଫଓ ଅଧିକାରୀ ଏବଂ ଯୋଜନାର ହିତାଧିକାରୀମାନେ ଅଂଶଗ୍ରହଣ କରିବେ ।

N.pur

## ଗଣଶିକ୍ଷାମନ୍ତ୍ରୀ

କେନ୍ଦ୍ରରେ ବିଜେପି ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଏବଂ ରାଜ୍ୟରେ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଛନ୍ତି । 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ବ୍ଲକସ୍ତରୀୟ ଜନସମ୍ପର୍କ ଅଭିଯାନ ଓ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ମନ୍ତ୍ରୀ ଶ୍ରୀ ଗଣ୍ଡ ଅଙ୍ଗନବାଡି ଦିଦିଙ୍କୁ ମୋବାଇଲ, ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ପଟ୍ଟା ଏବଂ ପେନ୍‌ସନ୍ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ବିକଶିତ ରାଜ୍ୟ ଓ ଦେଶ ଗଠନ ନିମନ୍ତେ ଜନସହଭାଗିତା ଓ ସହଯୋଗିତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

HS

## ଭତ୍ତା ଟଙ୍କା

ଭତ୍ତା ଟଙ୍କା ପାଇ ନ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଖୁବ୍ ଶୀଘ୍ର ଏହି ଅର୍ଥ ପଠାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ସଫ୍ଟୱେୟାରରେ ଦେଖାଦେଇଥିବା ତ୍ରୁଟି ସଂଶୋଧନ କରାଯାଉଛି । ଆଉ

କିଛିଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯାଇ ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯିବ ।

**- V/O -Minister Ganda**

Deogara

## ବିକାଶ କାର୍ଯ୍ୟକ୍ରମ

ରାଜ୍ୟରେ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ  ଆଜି ଦେବଗଡ ପଶ୍ଚିମ ଓଡିଶା ବିକାଶ ପରିଷଦ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାରା ଓଡିଶାର ବିକାଶର ଉପଲବ୍ଧି ଉପରେ ଆଲୋକପାତ କରିବା ସହ ବିକଶିତ ଓଡିଶା-୨୦୩୬ ଲକ୍ଷ୍ୟ ପୂରଣକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ ।  ଏହି ଅବସରରେ ଅତିଥିମାନେ 'ବିକାଶ ଧାରା ଓଡିଶା ସାରା' ପୁସ୍ତକକୁ ଉନ୍ମୋଚନ କରିବା ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ ।

N.pur./Nayagada/gajapati/Baragada

## ଜନଶୁଣାଣୀ

ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା ଓ ବ୍ଲକ ସ୍ତରରେ ଆଜି ସାପ୍ତାହିକ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

**ନବରଙ୍ଗପୁର** ଜିଲ୍ଲା ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି ଏବଂ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ଶବରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ

ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ୬୨ଜଣ ଆବେଦନକାରୀଙ୍କ ଅଭିଯୋଗ ଶୁଣିଥିଲେ ।

**ନୟାଗଡ** ଜିଲ୍ଲା ନୂଆଗାଁ ବ୍ଲକରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ୫୮ଟି ଦରଖାସ୍ତ ମଧ୍ୟରୁ ୨୧ଟିର ତତ୍କାଳ ସମାଧାନ କରାଯାଇଛି ।

**ଗଜପତି** ଜିଲ୍ଲା କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଯୋଗଦେଇ ମୋଟ ୨୦ଟି ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ୮ଜଣଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯାଇଥିଲା ।

**ବରଗଡ** ଜିଲ୍ଲା ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ଉଚ୍ଚ ଅଧିକାରୀମାନେ ଯୋଗଦେଇ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରେସନକାର୍ଡ, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା, ରାସ୍ତାନିର୍ମାଣ ଏବଂ କୃଷି ଆଦି ସମସ୍ୟା ଆଧାରିତ ୧୪୭ଟି ଅଭିଯୋଗର ଶୁଣାଣି କରିଥିଲେ । ଜଣେ

ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦରେ ୨ଲକ୍ଷ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

PURI

## ଏସଆଇଆର-ପୁରୀ

ଭାରତର ନିର୍ବାଚନ କମିଶନଙ୍କ ବରିଷ୍ଠ ଡେପୁଟି କମିଶନର ଜ୍ଞାନେଶ ଭାରତୀ ପୁରୀ ଜିଲ୍ଲାର ସ୍ୱତନ୍ତ୍ର ସଂଘନ କାର୍ଯ୍ୟକ୍ରମ-ଏସ.ଆଇ.ଆର. କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ପୁରୀ ସର୍କିଟ ହାଉସଠାରେ ଆଜି ପୂର୍ବାହ୍ନରେ ଡେପୁଟି କମିଶନର ଓ ଅନ୍ୟ ସଦସ୍ୟ ମାନଙ୍କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସ୍ୱାଗତ କରିବା ସହ ବୈଠକରେ ଜିଲ୍ଲାର ଏସ.ଆଇ.ଆର ସ୍ଥିତି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ପୁରୀ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୬ଜଣ ଇଲେକ୍‌ଟୋରାଲ ରେଜିଷ୍ଟ୍ରେସନ ଅଧିକାରୀ,୧୬ଶହ ୯ ଜଣ ବି.ଏଲ.ଓଙ୍କୁ ନିଯୁକ୍ତ କରାଯାଇଛି । ଜିଲ୍ଲାରେ ମୋଟ ୧୩ ଲକ୍ଷ ୮୭ ହଜାର ୯୩୦ ଭୋଟର ଥିବାବେଳେ ଏବେ ସୁଦ୍ଧା ୯୯ଦଶମିକ ୪/୩ ଜଣଙ୍କୁ ଫର୍ମ ପ୍ରଦାନ କରାଯିବା ସହ ସେଗୁଡିକ କମ୍ପ୍ୟୁଟରୀକରଣ କରାଯାଉଛି ।

Deogara

## ଆର୍ଶୀବାଦ ଯୋଜନା

କୋଭିଡ ମହାମାରୀ ସମୟରେ ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ଉଚ୍ଚଶିକ୍ଷା ଲାଭ ପାଇଁ ‘ଆର୍ଶୀବାଦ ଯୋଜନା’ରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି କ୍ରମରେ ଦେବଗଡ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍

ପକ୍ଷରୁ  ୮ଜଣ ପିଲାଙ୍କୁ  ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଓ ଭୁବନେଶ୍ୱର ବଲାଙ୍ଗୀର ସ୍ଥିତ ବିଭିନ୍ନ ଅନୁଷ୍ଠାନରେ ନାମଲେଖା ପାଇଁ ଚୟନ କରାଯାଇଛି । ଏହି ପିଲାମାନେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଉଚ୍ଚଶିକ୍ଷା ଗ୍ରହଣ କରିବା ସହିତ ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାର ସ୍ୱୀକୃତିପ୍ରାପ୍ତ ବିଭିନ୍ନ ସଂସ୍ଥାନରେ ଚାକିରି କରିପାରିବେ ବୋଲି ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।

HS

## ପିଜିଟି କର୍ମଶାଳା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବନିଯୁକ୍ତ ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳା ଆୟୋଜନ କରାଯାଇଛି । କର୍ମଶାଳାରେ ଓଡିଆ, ଇଂରାଜୀ ଓ ଶିକ୍ଷା ବିଷୟବସ୍ତୁର ୧୨୦ଜଣ ପିଜିଟି ଯୋଗଦେଇଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଯୋଗଦେଇ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ନିମନ୍ତେ ଉପଦେଶ ଦେଇଥିଲେ । କର୍ମଶାଳାର  ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

Desk

# ଏନ୍‌ଟିଏ-ଟେଲିଗ୍ରାମ ବ୍ୟାନ୍

ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ପୂର୍ବରୁ କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରିଛନ୍ତି । ଆସନ୍ତା ୨୧ ତାରିଖରେ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ପୁନର୍ବାର ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି। ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ କୌଣସି ମେସେଜ୍‌କୁ ଯେଭଳି ସଂଶୋଧନ କରାଯାଇ ନ ପାରିବ ସେ ନେଇ ପଦକ୍ଷେପ ନେବାକୁ ଟେଲିଗ୍ରାମକୁ ନିର୍ଦ୍ଦେଶ ଦିଆଯାଇଥିବା ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ଗତ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ରକୁ ସାମାଜିକ ଗଣମାଧ୍ୟମ ଟେଲିଗ୍ରାମରେ ସଂଶୋଧନ କରାଯାଇ ପ୍ରଶ୍ନପତ୍ର ପ୍ରଘଟ କରାଯାଇଥିବା ଅଭିଯୋଗ ହୋଇଥିଲା । ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଏହି ପଦକ୍ଷେପ ସ୍ୱଚ୍ଛ ଏବଂ ସୁରକ୍ଷିତ ପରୀକ୍ଷା ପରିଚାଳନା ଦିଗରେ ସହାୟକ ହେବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ କହିଛି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ସ୍ପର୍ଶ କରିଛି। ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

ରାଜ୍ୟର କେତେକ ଜିଲ୍ଲାରେ ଆସନ୍ତା ୨୧ତାରିଖ ସକାଳ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ୫୦ରୁ ୬୦କିଲୋମିଟର ବେଗରେ ପବନ ହେବା ନେଇ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ରାଜ୍ୟର ୧୪ଟି ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।